ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1067/18-01-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୮ ଜାନୁଆରୀ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଥମ ଦିନରେ ଟୀକା ନେବା ପାଇଁ ଉଦ୍ଦିଷ୍ଟ ହିତାଧିକାରୀଙ୍କ ମଧ୍ୟରୁ ୮୫ ପ୍ରତିଶତ ଟୀକା ନେଇ ଓଡ଼ିଶାରେ କୋଭିଡ୍-୧୯ ଟୀକାକରଣ ଅଭିଯାନକୁ ସଫଳ କରିଛନ୍ତି । ୧୬,୪୦୫ ଜଣଙ୍କୁ ଟୀକା ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୧୩,୯୮୦ ଜଣଙ୍କୁ ଟୀକା ଦିଆଯାଇଛି ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତୀୟ ସଡ଼କ ସୁରକ୍ଷା ମାସ ଆରମ୍ଭ ଅବସରରେ କହିଛନ୍ତି ଯେ ଦାୟିତ୍ୱହୀନ ଗାଡ଼ିଚାଳନା ଏବଂ ରାସ୍ତାଗୁଡ଼ିକର ଅସୁରକ୍ଷିତ ବ୍ୟବହାର ଦୁର୍ଘଟଣାର ମୁଖ୍ୟ କାରଣ, ଯାହା ନିଜର ଓ ଅନ୍ୟମାନଙ୍କର ଜୀବନକୁ ବିପଦରେ ପକାଉଛି । ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଶୃଙ୍ଖଳିତ ଭାବରେ ସଡ଼କ ସୁରକ୍ଷା ନିୟମ ମାନିବା ସହ ସଚେତନତା ବାର୍ତ୍ତା ପ୍ରଚାର କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସମାଜସେବୀ ତଥା ଶ୍ରମିକ ନେତା ଲଳିତ ନାୟକଙ୍କ ବିୟୋଗରେ ଦୁଃଖପ୍ରକାଶ କରିଛନ୍ତି । ଲୋକଙ୍କ କଲ୍ୟାଣ ସହ ରକ୍ତଦାନ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅନ୍‌ଲାଇନ୍ ପଂଜୀକରଣ, ପି-ପାସ୍ ଓ ଆଗୁଆ ଟୋକନ୍ ବ୍ୟବସ୍ଥା ସୁବିଧା ଯୋଗୁଁ ଖରିଫ ଧାନସଂଗ୍ରହରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବର୍ତ୍ତମାନ ସୁଦ୍ଧା ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ୩୫ ଲକ୍ଷ ୬ ହଜାର ୧୮୩ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି: ଯାହା ଗତବର୍ଷ ତୁଳନାରେ ୨୨ ପ୍ରତିଶତ ଅଧିକ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦକ୍ଷନୀତି ଯୋଗୁଁ କୋଭିଡ୍ ସତ୍ତ୍ୱେ ଓଡ଼ିଶା ଅର୍ଥନୀତି ଦ୍ରୁତ ଗତିରେ ସୁଧାର ପଥକୁ ଫେରୁଛି । ରାଜ୍ୟରେ ୨୦୨୦ ଡିସେମ୍ବରରେ ୭୬୫.୨୬ କୋଟି ଟଙ୍କାର

ରେକର୍ଡ ପରିମାଣ ଜିଏସ୍‌ଟି ଆଦାୟ ହୋଇଛି, ଯାହାକି ୨୦୧୯ ଡିସେମ୍ବରରେ ଆୟ ତୁଳନାରେ ୩୫ କୋଟି ଟଙ୍କା ଅଧିକ ବୋଲି ସେ କହିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୪,୦୨,୫୩୮ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୩,୪୪୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୯,୫୪୬ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୦୧ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧,୯୪୪ ରହିଛି ।
- ୧,୯୪୪ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**